भाकृअनुप - राष्ट्रीयचावलअनुसंधानसंस्थान
ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

# କୃଷିସୂଚନାସେବା (ଧାନ)

## ୨୦୨୪ ମସିହା ଅଗଷ୍ଟ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

### ଶୁଖିଲା ବୁଣା ଧାନ :

❖ ଖାଲୁଆ ଜମିରେ ଶୁଖିଲା ବୁଣା ଧାନରେଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇ ନାହିଁ ତେବେ ସେହି ଜମିରେ ୭ ରୁ ୧୦ ସେ.ମି. ଠିଆ ପାଣିଥିବା ଅବସ୍ଥାରେ ବେଉଷଣି କରନ୍ତୁ । ବେଉଷଣ ସରିବା ପରେ ଗଭୀର ଓ ମଧ୍ୟମ ଗଭୀର ଜମିରେଏକର ପିଛା ୧୮ କି.ଗ୍ରା. ଏବଂ ସ୍ୱଳ୍ପ ଖାଲୁଆ ଜମିରେଏକର ପିଛା ୩୬ କି.ଗ୍ରା. ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।

### ରୁଆ ଧାନ :

❖ ଘାସ ନିୟନ୍ତ୍ରଣ ପାଇଁ ଘାସ ଗଜା ହେବାର ୮-୧୦ ଦିନରେ ନତୁବା ଘାସ ୨-୩ ପତ୍ର ଥିବା ଅବସ୍ଥାରେ ଘାସମରା ଔଷଧ ବିସପାଇରିବାକ ସୋଡିୟମ୍ ୧୦% ଏସ୍.ସି. ଏକର ପ୍ରତି ୧୨୦ ମି.ଲି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରସ୍ତୁତ କରି ସିଞ୍ଚନ କରନ୍ତୁ ।

❖ ଯଦି ତଳିଘରାରେ ବାକାନୀରୋଗ ଦେଖାଯାଏ, ତେବେ କାର୍ବେଣ୍ଡାଜିମ୍ ୧୨% +ମ୍ୟାଙ୍କୋଜେବ୍ ୬୩% ଡବ୍ଲ୍ୟୁ.ପି. (ସାଫ୍, ରିପର, ସିକ୍ସର କିମ୍ବା କମ୍ପାନିଅନ୍) ଏକ ଲିଟର ପାଣିରେ ୨.୫ ଗ୍ରାମ ହିସାବରେ ମିଶାଇ ସିଞ୍ଚନ କରନ୍ତୁ । ରୋଗିଣା ତଳିକୁ ମୂଳରୁ ଉପାଡି ଦିଅନ୍ତୁ ।

❖ ଯଦି ତଳିଘରାରେ ଉକୁଣିଆ ପୋକ ଦେଖାଯାଏ ତେବେଏକର ପ୍ରତିNSKE (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

❖ ତଳିଘରାରେ ମହିଷା ରୋଗ ଲକ୍ଷଣ ଦେଖାଦେଲେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ୍ କିମ୍ବା ଆଇସୋପ୍ରୋଥିଓଲେନ୍ ୪୦ ଇ.ସି. ୧.୫ ମି.ଲି. ଏକ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।ଏହାର ୭ ରୁ ୧୦ ଦିନ ପରେ ଆଉ ଥରେ ସିଞ୍ଚନ କରିବା ଦରକାର । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।

❖ ଯେଉଁ ଜାଗାରେ ଚେର ଗଣ୍ଠି ସୁତ୍ରଜୀବ ରୋଗ କିମ୍ବା କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଅଧିକା ଥାଏ, ସେଠାରେ ଧାନ ବୁଣିବାର ୫ ଦିନ ପରେ ପ୍ରତି ବର୍ଗମିଟର ତଳିଘରା ପିଛା, କାର୍ବୋଫୁରାନ୍ ଦାନାଦାର ୩ ଗ୍ରାମ୍ କିମ୍ବା ଫୋରେଟ୍ ୧ ଗ୍ରାମ୍ କିମ୍ବା ଡିଆଜିନନ୍ ୧ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ ।

❖ ଯଦି ତଳିଘରାରେ ଚାରା ସଢ଼ାରୋଗ ଦେଖାଯାଏ ତେବେ ପ୍ରୋପିକୋନାଜୋଲ ୧ ମି.ଲି. ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

❖ କାଣ୍ଡବିନ୍ଧ ।ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ତିନୋଟି ଫେରୋମୋନ୍ ଯନ୍ତ୍ରା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପ୍ରଜାପତି ପଡନ୍ତି, ତେବେଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ସହିତ ବାଲିସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ପ୍ରୟୋଗକରନ୍ତୁ ।

- ନଳୀପୋକ ଦେଖାଦେଲେ ଏକର ପିଛା ୮୦ ମି.ଲି. ଇଣ୍ଡୋକ୍ସାକାର୍ବ ୧୫.୮% ଇ.ସି. କିମ୍ବା ୨୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. ପ୍ରୟୋଗ କରନ୍ତୁ ।
- ଉପଯୁକ୍ତ ମୌସୁମୀ ବର୍ଷା ହୋଇଥିବା ଅଞ୍ଚଳ ବା ଜଳସେଚନର ସୁବିଧା ଥିବା ଜମିରେ ଅଗଷ୍ଟ ମାସ ପ୍ରଥମ ପକ୍ଷ ଶେଷସୁଦ୍ଧା ଧାନ ରୁଆ କାମ ସଂପୂର୍ଣ୍ଣ କରିଦେବା ଦରକାର ।
- ମୁଖ୍ୟଜମିକୁ ୭-୧୦ ଦିନ ବ୍ୟବଧାନରେ ଦୁଇଥର କାଦୁଅ କରି ଭଲଭାବେ ସମତଳକରି ଦିଅନ୍ତୁ । ପ୍ରଥମ କାଦୁଅ ପୂର୍ବରୁ ଏକର ପ୍ରତି ୮ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ।
- ଧନଚା ବୁଣା ହୋଇଥିବା ଜମିରେ ଧଣିଚ ଗଛକୁ ପ୍ରଥମ ଓଡ କାଦୁଅ କରିବା ସମୟରେ ଭଲଭାବରେ ମିଶାଇ ଦିଅନ୍ତୁ ।
- ଅଧିକ ଅମଳକ୍ଷମ କିସମ ପାଇଁ ୪୪ କି.ଗ୍ରା. ଡି.ଏ.ପି + ୩୩ କି.ଗ୍ରାଏମ୍.ଓ.ପି କିମ୍ବା ୨୨ କି.ଗ୍ରା ଯୁରିଆ + ୧୨୫ କିଗ୍ରା ଏସ୍.ଏସ୍.ପି.+ ୩୩ କି.ଗ୍ରା ଏମ୍.ଓ.ପି, ଶେଷ ଓଡ କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ବାଲିଆ ମାଟି ହୋଇଥିଲେ ୪ କି.ଗ୍ରା. ଯୁରିଆ + ୪୪ କି.ଗ୍ରା. ଡି.ଏ.ପି + ୧୬.୫ କି.ଗ୍ରା ଏମ୍.ଓ.ପି କିମ୍ବା ୨୨ କି.ଗ୍ରା ଯୁରିଆ + ୧୨୫ କିଗ୍ରା ଏସ୍.ଏସ୍.ପି.+ ୧୬.୫ କି.ଗ୍ରା ଏମ୍.ଓ.ପି. ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ସଙ୍କରଜାତୀୟ ଧାନ କିସମ ପାଇଁ ୬ କି.ଗ୍ରା. ଯୁରିଆ+ ୫୨ କି.ଗ୍ରା. ଡି.ଏ.ପି. + ୩୦ କି.ଗ୍ରା. ଏମ୍.ଓ.ପି. ନତୁବା ୨୬ କି.ଗ୍ରା. ଯୁରିଆ+ ୧୫୦ କି.ଗ୍ରା. ଏସ୍.ଏସ୍.ପି.+ ୩୦ କି.ଗ୍ରା. ଏମ୍.ଓ.ପି. ମୂଳସାର ଭାବେ ପ୍ରଥମ ଓଡ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ ।
- ଧନିଚ ଚାଷ ହୋଇଥିବା ଜମିରେ ଯବକ୍ଷାରଜାନ ପରିମାଣକୁ ୨୫ ଶତକଡା କମାଇ ଦିଅନ୍ତୁ ।
- ଦସ୍ତା ଅଭାବ ଥିବା ଜମିରେ ଏକର ପିଛା ଜିଙ୍କ୍‌ସଲଫେଟ୍ ୧୦ କି.ଗ୍ରା. (ଦୁଇବର୍ଷକୁ ଥରେ) ଶେଷ ଓଡ଼ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ବୋରନ୍‌ର ଅଭାବ ଥାଏ ସେଠାରେ ଏକର ପିଛା ବୋରାକ୍ସ ୨ କି.ଗ୍ରା. ଶେଷ ଓଡ୍ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଅଧିକ ଅମଳକ୍ଷମ ଧାନର ୨୦ ରୁ ୩୦ ଦିନର ତଳି ୨୦ X୧୫ ସେ.ମି. ବ୍ୟବଧାନରେ ବୁଦା ପ୍ରତି ୨-୩ ଟି ତଳିରୁଅନ୍ତୁ ଏବଂ ସଙ୍କର ଜାତୀୟ ଧାନ ବୁଦା ପ୍ରତି ୧-୨ ଟି ତଳି ରୁଅନ୍ତୁ ।
- ଧାନ ଗଛ ନଷ୍ଟକୁ ଦୃଷ୍ଟିରେ ରଖି ଲୁଣିଆ ଜମିରେ ୩୦ ରୁ ୪୦ ଦିନର ତଳିବୁଦା ପ୍ରତି ୪ ରୁ ୫ଟି ତଳି ୧୫ X୧୫ ସେ.ମି. ବ୍ୟବଧାନରେ ରୁଅନ୍ତୁ ।
- ଯେଉଁ ଅଞ୍ଚଳରେ ମାଟିଆ ଗୁଣ୍ଡିପୋକର ପ୍ରାଦୁର୍ଭାବ ରସମ୍ଭାବନା ଅଧିକ ଥାଏ, ସେଠାରେ ୮-୧୦ ଟି ଧାଡି ଧାନ ରୋଇବା ପରେଏକ ଧାଡି ବ୍ୟବଧାନ ଛାଡି ପୁଣି ରୁଅନ୍ତୁ ।
- କାଣ୍ଡବିନ୍ଧାପୋକ ପ୍ରାଦୁର୍ଭାବ ସମ୍ଭାବନା ଥିବା ଅଞ୍ଚଳରେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରଜିବୀର ଅଣ୍ଡାଏକର ପ୍ରତି ୪୦,୦୦୦ (ଅର୍ଥାତ୍ ୩ଟି ଟ୍ରାଇକୋକାର୍ଡ) ତିନିଥର ବ୍ୟବହାରକରନ୍ତୁ ।
- କାଣ୍ଡବିନ୍ଧାପୋକ ଓ ପତ୍ରମୋଡାପୋକର ଦମନ ପାଇଁଏକର ପିଛା ଗୋଟିଏ ଲାଇଟଟ୍ରାପ୍ (ଆଲୋକ ଯନ୍ତା) ବ୍ୟବହାର କରନ୍ତୁ ।
- ଧାନ ଫସଲରେ କାଣ୍ଡବିନ୍ଧାପୋକ ଏବଂ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ ଏକର ପିଛା ତିନୋଟି ଫେରୋମୋନ୍ ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଦିନରେ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପ୍ରଜାପତି ପଡନ୍ତି, ତେବେଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍‌କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ସହିତ ବାଲିସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେକିମ୍ବା ୧୦ କି.ଗ୍ରା. କାର୍ଟାପହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେମିଶାଇ ପ୍ରୟୋଗକରନ୍ତୁ ।

❖ ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁଏକର ପିଛା ୬୦ ମି.ଲି. କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୫୦ ଗ୍ରାମ୍‌ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା ୪୦୦ ଗ୍ରାମ୍ କାର୍ଟାପ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୬୪୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗକରନ୍ତୁ ।

❖ ରୁଆ ଧାନରେବାଲୁଙ୍ଗା ଦମନ ପାଇଁ ବେନ୍‌ସଲଫ୍ୟୁରାନ୍‌ମିଥାଇଲ୍+ପ୍ରେଟିଲାକ୍ଲୋର(ଲୋଣ୍ଡାକ୍ସ ପାଓ୍ୱାର କିମ୍ବା ଇରେଜ୍‌ଷ୍ଟ୍ରଙ୍ଗ୍ ) ଏକର ପିଛା ୪ କି.ଗ୍ରା ସହିତ ସମାନ ପରିମାଣର ବାଲି ମିଶାଇ ରୋଇବାର ୩ ରୁ ୭ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ନତୁବା ବିସ୍‌ପାଇରିବାକ୍ ସୋଡିୟମ୍ ୧୦ ଏସ.ସି.(ନୋମିନିଗୋଲ୍ଡ) ଏକର ପ୍ରତି ୧୨୦ ମି.ଲି. ରୋଇବାର ୧୦-୧୨ ଦିନ (୨ ରୁ ୩ଟି ପତ୍ର ଅବସ୍ଥାରେ) କିମ୍ବା ଏକର ପିଛା ପେନୋକ୍ସୁଲାମ୍ ସହିତ ସାଇହାଲୋଫପ୍ ବ୍ୟୁଟାଇଲ (ଭିଭାୟା) ୯୦୦ ମି.ଲି. ତଳିରୁଆର ୧୫-୨୦ ଦିନ ପରେ ୧୬ ଲିଟରକ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ।

**ନିଅଣ୍ଟିଆ ବର୍ଷା ଅଞ୍ଚଳ ଏବଂ କେନାଲ ପାଣି ମିଳୁନଥିବା ଜଳସେଚିତ ଜମି ପାଇଁ ପରାମର୍ଶ**

❖ ରୁଆ କିମ୍ବା ବୁଣାଧାନରେ ଉପଯୁକ୍ତ ବତର ଥିଲେ ହିଁ ସେ ଜାଗାରେ ଶୀର୍ଷସାର ପକାନ୍ତୁ ।

❖ ପାଣି ଅଭାବରୁ ଧାନ ରୁଆ କାମ ଡେରି ହୋଇଥିବା ଅଞ୍ଚଳରେ ସହଳ କିମ୍ବା ମଧ୍ୟମ ସହଳ କିସମର ୨୫-୩୦ ଦିନର ତଳି ବ୍ୟବହାର କରନ୍ତୁ । ଅଧିକ ଦିନିଆ କିସମର ୪୫-୫୦ ଦିନର ତଳି ୧୫ X୧୫ ସେ.ମି. ବ୍ୟବଧାନରେ ବୁଦାପ୍ରତି ୪-୫ ଟି ତଳି ଅଗଭୀର କରି ସିଧାଭାବେ ପୋତନ୍ତୁ ।

❖ ବୁଣା କିମ୍ବା ରୁଆ ଧାନରେ ପିଲଦେବା ଅବସ୍ଥାରେ ଅଧିକ ଦିନ ପର୍ଯ୍ୟନ୍ତ ଶୁଖିଲା ପାଗର ହି ଲେଜଳସେଚନ ଦେଇ ମାଟିର ବତର ବଜାୟ ରଖନ୍ତୁ ।

❖ ଜମିରେ ଉପଯୁକ୍ତ ବତର ନଥିବା ସମୟରେ ଘାସମରା ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

❖ ଯଦି ତଳିଘରାରେ ଖାଦ୍ୟସାର ଅଭାବ ଜନିତ ଲକ୍ଷଣ ଯଥା ପତ୍ର ହଳଦିଆ କିମ୍ବା ପତ୍ରଅଗଖଇରିଆ ପଡିଯାଏ, ତେବେ ଜିଙ୍କ୍ ସଲଫେଟ୍ ୦.୫% +ୟୁରିଆ ୨.୫% ମିଶାଇ ସିଞ୍ଚନ କରନ୍ତୁ ।

*****